# ସାପକାମୁଡ଼ା ପ୍ରତିରୋଧ ଓ ପ୍ରାଥମିକ ଚିକିତ୍ସା ସମ୍ବନ୍ଧୀୟ ତାଲିମ



**ଅନୁଗୋଳ,୧୩।୬(ସମିସ):** ରାଜ୍ୟରେ ଯେତିକି ଲୋକଙ୍କର ପ୍ରାକୃତିକ ବିପର୍ଯ୍ୟୟଜନିତ ମୃତ୍ୟୁ ହେଉଛି, ସେଥିରୁ ୪୦ ପ୍ରତିଶତ ଲୋକଙ୍କର କେବଳ ସାପକାମୁଡ଼ାରେ ଜୀବନ ଯାଉଛି। ଅନୁଗୋଳ ଜିଲ୍ଲାରେ ମଧ୍ୟ ବାର୍ଷିକ ପ୍ରାୟ ୫୦ରୁ ଅଧିକ ଲୋକ ସାପକାମୁଡ଼ାରେ ପ୍ରାଣ ହରାଉଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସାପ ବିଷ ନିରୋଧକ ଔଷଧ ମହଜୁଦ ଥିଲେ ମଧ୍ୟ ଅନ୍ଧବିଶ୍ୱାସ ତଥା ସଚେତନତା ଅଭାବ ହେତୁ ଅନେକ ଲୋକଙ୍କର ଅକାରଣରେ ଜୀବନ ଯାଉଛି। ସାପକାମୁଡ଼ା ଦୁର୍ଘଟଣା ରୋକିବାକୁ ପ୍ରତି ସ୍ତରରେ ବ୍ୟାପକ ସଚେତନତା ଆବଶ୍ୟକ। ଏହି କ୍ରମରେ ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡର ଟିକରପଡ଼ା ବନାଞ୍ଚଳ ଓ ଅନୁଗୋଳର ପରିବେଶଧର୍ମୀ ଅନୁଷ୍ଠାନ ସାଥୀ ପରିବାର ମିଳିତ ଉଦ୍ୟମରେ ଟିକରପଡ଼ା ବନାଞ୍ଚଳ ସଭାଗୃହରେ ସାପକାମୁଡ଼ା ପ୍ରତିରୋଧ ଓ ପ୍ରାଥମିକ ଚିକିତ୍ସା ସମ୍ବନ୍ଧୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଛି।

ଶିବିରରେ ବନାଞ୍ଚଳର ସମସ୍ତ ବନପାଳ, ବନରକ୍ଷୀ ଏବଂ ବନ ଜଗୁଆଳି ଅଂଶଗ୍ରହଣ କରିଥିଲେ। ବନାଞ୍ଚଳ ଅଧିକାରୀ ସୁମନ୍ତ ମହାକୁଡ଼ ସଭାପତିତ୍ୱ କରିଥିବା ବେଳେ ବନପାଳ ରଞ୍ଜନ କୁମାର ଦେହୁରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଥୀ ପରିବାର ସଦସ୍ୟ ତଥା ଜିଲ୍ଲାର ସର୍ପମିତ୍ର ଆଦିତ୍ୟ ବେହେରା, ବନାଞ୍ଚଳର ଘଡ଼ିଆଳ କୁମ୍ଭୀର ବଗେଷକ ଆଶାହରନ ଖାନ୍ ଏବଂ ବନ୍ୟପ୍ରାଣୀ ଚିକିତ୍ସକ ଡା. କିଶୋର ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଫଟୋଚିତ୍ର ମାଧ୍ୟମରେ ବିଷଧର ଓ ବିଷହୀନ ସାପ ଚିହ୍ନଟ, ସାପକାମୁଡ଼ାର ପ୍ରାଥମିକ ଚିକିତ୍ସା, ବିଷଧର ସାପକାମୁଡ଼ାର ଲକ୍ଷଣ, ସାପଙ୍କ ବ୍ୟବହାର, ଖାଦ୍ୟ, ପ୍ରାକୃତିକ ଆବାସସ୍ଥଳୀ, ଡାକ୍ତରୀ ଚିକିତ୍ସାର ଉପାଦେୟତା, ପରିବେଶ ସନ୍ତୁଳନରେ ସାପର ଭୂମିକା ଏବଂ ସାପକାମୁଡ଼ା ସମ୍ବନ୍ଧରେ ଅନ୍ଧବିଶ୍ୱାସ ଦୂର ଆଦି ବିଷୟରେ ସଚେତନ କରାଇଥିଲେ। ଏ ସମ୍ବନ୍ଧରେ ନିଜ ବନ୍ଧୁ, ପରିଜନ, ପରିବାର, ଗ୍ରାମବାସୀଙ୍କୁ ଜଣାଇବା ସହିତ ସାପ କାମୁଡ଼ିଥିବା ଲୋକଙ୍କୁ ତୁରନ୍ତ ଡାକ୍ତରଖାନା ନେବାକୁ ପରାମର୍ଶ ଦେବେ ବୋଲି ଅଂଶଗ୍ରହଣକାରୀ ଆଗ୍ରହ ପ୍ରକାଶ କରିଥିଲେ। ଅନୁଷ୍ଠାନର ସଦସ୍ୟ କୁଳଦୀପ ଦାସ, ଲକ୍ଷ୍ମଣ ମିର୍ଦ୍ଧା, ପିଣ୍ଟୁ ବେହେରା ଓ ସୌମ୍ୟରଞ୍ଜନ ଥମ୍ବଙ୍କ ସମେତ ଟିକରପଡ଼ା ବନାଞ୍ଚଳର ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

## ଦୁର୍ଘଟଣାରେ ମୃତ ସାମ୍ବାଦିକଙ୍କ ପରିବାରକୁ ଭେଟିଲା ୱେବ୍ ମିଡିଆ ମହାସଂଘ



**କିଶୋରନଗର,୧୩।୬(ସମିସ):** ଆଠମଲ୍ଲିକ ବ୍ଲକର ସାମ୍ବାଦିକ ବୁଲୁ ଦଳେଇଙ୍କର ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଏ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ ବାବା ଧବଳେଶ୍ୱର ୱେବ୍ ମିଡିଆ ମହାସଂଘ କର୍ମକର୍ତ୍ତାମାନେ ତାଙ୍କ ପରିବାରକୁ ଭେଟି ସମବେଦନା ଜ୍ଞାପନ କରିଛନ୍ତି। ଏଭଳି ଦୁଃଖଦ ସମୟରେ ମହାସଂଘ ସମ୍ପୂର୍ଣ୍ଣ ଭାବେ ପରିବାର ସହିତ ରହିଛି ଏବଂ ଆଗାମୀ ଦିନରେ ସଂଘ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। କାର୍ଯ୍ୟକ୍ରମରେ ମହାସଂଘ ସଭାପତି କରୁଣାକର ନାୟକ, ଦୀପକ ସାହୁ, ସଞ୍ଜୟ ଟାଙ୍ଗୀ, ବଂଶୀଧର ସେଠୀ, ଗୋବିନ୍ଦ ଚନ୍ଦ୍ର ନାୟକ, ଧନଞ୍ଜୟ ନାୟକ, ଶତ୍ରୁଘ୍ନ ସାହୁ, ଅଶ୍ୱିନୀ ଖୁଣ୍ଟିଆ ଏବଂ ସୁମନ ପ୍ରଧାନଙ୍କ ସମେତ ସଂଘର ବହୁ କର୍ମକର୍ତ୍ତା ଓ ସ୍ଥାନୀୟ ସାମ୍ବାଦିକମାନେ ଉପସ୍ଥିତ ଥିଲେ।

## ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ଅନୁଗୋଳ,୧୩।୬(ସମିସ):** ଅମଲାପଡ଼ା ସାଇନ୍ସ ଷ୍ଟଡି ସେଣ୍ଟର୍ ପକ୍ଷରୁ ଯୁକ୍ତଦୁଇ ବିଜ୍ଞାନର ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସେଣ୍ଟର୍ ପରିଚାଳକ ମଳୟ କୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ କନିଷ୍ଠ ଅଧ୍ୟାପକମାନେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଅଧ୍ୟବସାୟ, ଶୃଙ୍ଖଳା ଓ ସମୟାନୁବର୍ତ୍ତିତା ଉପରେ ଗୁରୁତ୍ୱ ଦେଇଥିଲେ। ସମାରୋହରେ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ପିଲାମାନଙ୍କୁ ପ୍ରଶଂସାପତ୍ର, ପୁଷ୍ପଗୁଚ୍ଛ ଓ ପ୍ରୋତ୍ସାହନ ରାଶି ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ର ରତିକାନ୍ତ ବେହେରା ଯୁକ୍ତଦୁଇ ବିଜ୍ଞାନରେ ସର୍ବାଧିକ ୫୮୬ ନମ୍ବର୍ ରଖି ଜିଲ୍ଲା ଟପ୍ପର୍ ହୋଇଥିବାରୁ ତାଙ୍କୁ ଏବଂ ୨୦୨୫ ଟପ୍ପର୍ ଗୌରୀଶଙ୍କର ନନ୍ଦଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା।

## ରଥଯାତ୍ରା ପ୍ରସ୍ତୁତି ବୈଠକ, ଅପରାହ୍ନ ୪ଟାରେ ରଥଟଣା

**ଖମାର,୧୩।୬(ସମିସ):** ଖମାରରେ ଶ୍ରୀବଳଦେବଜିଉଙ୍କ ରଥଯାତ୍ରା ପାଇଁ ଶୁକ୍ରବାର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ ଅଧ୍ୟକ୍ଷତା କରି ଶାନ୍ତିଶୃଙ୍ଖଳା ସହ ରଥଯାତ୍ରା ଆୟୋଜନ ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରଦ୍ଧାଳୁମାନେ କିପରି ଶୃଙ୍ଖଳିତ ଭାବେ ରଥ ଟାଣିବା ସହ ଠାକୁରଙ୍କ ଦର୍ଶନ କରିପାରିବେ ସେ ଦିଗରେ ପ୍ରଶାସନ ପକ୍ଷରୁ ସୁବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ। ଖମାର ରାଜା ବିଜେଶ କୁମାର ରାଏ, ଅତିରିକ୍ତ ତହସିଲଦାର ମଦନମୋହନ ଜେନା, ଖମାର ଥାନା ଅଧିକାରୀ ଅରୁଣ କୁମାର ଖିଲାର, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶୋଭିତ କୁମାର ବିଶି, ଡ. ଅବିନାଶ ସେଠୀ, ଡ. ବେଣୁଧର ସାହୁ, ପାନୀୟ ଜଳଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଯୋଗଦେଇ ରଥଯାତ୍ରାକୁ ସରସସୁନ୍ଦର କରିବା ଉପରେ ନିଜ ମତାମତ ରଖିଥିଲେ। ରଥଯାତ୍ରାରେ ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ପାନୀୟ ଜଳ, ପରିମଳ ବ୍ୟବସ୍ଥା, ରଥଟଣା ସମୟରେ ବିଦ୍ୟୁତ କାଟ, ଆଶୁ ଚିକିତ୍ସା କେନ୍ଦ୍ର, ଟ୍ରାଫିକ ଓ ଭିଡ଼ ନିୟନ୍ତ୍ରଣ ଉପରେ ଆଲୋଚନା ହୋଇଥିଲା। ଜୁଲାଇ ୧୫ ତାରିଖ ସକାଳ ସାଢ଼େ ୭ଟାରେ ନେତ୍ରୋତ୍ସବ ଓ ୧୬ ତାରିଖ ସକାଳ ୯ଟାରେ ରଥ ପ୍ରତିଷ୍ଠା, ୧୧ଟାରେ ପହଣ୍ଡି ଆରମ୍ଭ ହୋଇ ଅପରାହ୍ନ ୪ଟାରେ ରଥ ଟଣାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ରଥଯାତ୍ରା ଓ ବାହୁଡ଼ାଯାତ୍ରା ଦିନ ମାଛମାଂସ ଓ ମଦ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ସୁଲିଆ ବଜାର ସଭାପତି, କ୍ୟାପିଟାଲ ବଜାର ସଭାପତି, ଗ୍ରାମ କମିଟି ସଭାପତି ପରମାନନ୍ଦ ସାହୁ, ଜଗନ୍ନାଥ ମନ୍ଦିର ସଭାପତି ପ୍ରସନ୍ନ କୁମାର ସାହୁ, ସମ୍ପାଦକ କୈଳାସ ଚନ୍ଦ୍ର ସାହୁ, ନରେନ୍ଦ୍ର ସାହୁ, ସାମ୍ବାଦିକ ଭୀଷ୍ମ କୁମାର ଗଡ଼ନାୟକ, ଯୁଗଳ କିଶୋର ଜିତ୍, ରଞ୍ଜନ କୁମାର ସାହୁଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



## ତାଳଚେର ଥର୍ମାଲରେ ଗେମ୍-୨୦୨୬ ଉଦଯାପିତ



**ତାଳଚେର,୧୩।୬(ସମିସ):** ଏନଟିପିସି ତାଳଚେର ଥର୍ମାଲର ପ୍ରମୁଖ ବାଳିକା ସଶକ୍ତୀକରଣ ମିଶନ ଗେମ-୨୦୨୬ର ଉଦଯାପନୀ ଉତ୍ସବ ସ୍ଥାନୀୟ ତରଙ୍ଗମ ହଲରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ ଶିକ୍ଷାଗତ, ସାଂସ୍କୃତିକ, ସୃଜନଶୀଳ ଏବଂ ମନୋରଞ୍ଜନର ମିଶ୍ରଣ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ବିଶେଷଜ୍ଞ ସମ୍ବଳ ବ୍ୟକ୍ତିମାନେ ଯୋଗ, ଇଂରାଜୀ, ଗଣିତ, ବିଜ୍ଞାନ, ଚିତ୍ରାଙ୍କନ, ନୃତ୍ୟ ଏବଂ ନାଟକରେ ନିୟମିତ ଶ୍ରେଣୀ ତାଲିମ ଅଧିବେଶନ ପରିଚାଳନା କରିଥିଲେ। ଶାସ୍ତ୍ରୀୟ ସମୃଦ୍ଧି ବ୍ୟତୀତ ଅଂଶଗ୍ରହଣକାରୀଙ୍କୁ ବ୍ୟକ୍ତିତ୍ୱ ବିକାଶ ଏବଂ ମନୋରଞ୍ଜନ କାର୍ଯ୍ୟକଳାପ ସହ ପରିଚିତ କରାଯାଇଥିଲା। ଏକ ଆନନ୍ଦଦାୟକ ଏବଂ ସମୃଦ୍ଧି ଶିକ୍ଷଣ ଅଭିଜ୍ଞତା ପ୍ରଦାନ ପାଇଁ ଜନ୍ମଦିନ ପାଳନ, ଯାଦୁ ପ୍ରଦର୍ଶନ ଏକ ଶିକ୍ଷାଗତ ପ୍ରଦର୍ଶନ ଭଳି ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅତିଥି ଭାବେ ପ୍ରତୀକ୍ଷା ରନୱାଲ, ଅନୁଗୋଳ ମନସ୍ତାତ୍ତ୍ୱିକ ପରାମର୍ଶଦାତା ବିଜୟ ଚାନ୍ଦ, ଲେଡିଜ କ୍ଲବ ସଭାପତି ବିଭା ଅଗ୍ରୱାଲ, ଏଜିଏମ ରୋହିତ କୁମାର ଏବଂ ସାଗରୀକା ଲେଡିଜ କ୍ଲବର ପଦାଧିକାରୀ, ସରପଞ୍ଚ ସହଦେବ ସାହୁ ଯୋଗଦେଇଥିଲେ। ରାହୁଲ ଜୈନ ସମାବେଶକୁ ସମ୍ବୋଧିତ କରି ଯୁବକ, ଯୁବତୀମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ଏକ ପ୍ଲାଟଫର୍ମ ସୃଷ୍ଟି କରିବା ନିମିତ୍ତ ଏନଟିପିସି, ଟିଟିପିଏସ୍ ପ୍ରୟାସକୁ ପ୍ରଶଂଶା କରିଥିଲେ। ଖେଳରେ ଭାଗ ନେଇଥିବା ଝିଅମାନଙ୍କୁ ସାଇକଲ ବଣ୍ଟନ କରାଯାଇଥିଲା।

## ଜିଲ୍ଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା



**ଅନୁଗୋଳ,୧୩।୬(ସମିସ):** ଅନୁଗୋଳ ଜିଲ୍ଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ବୟସ ବର୍ଗର ୯୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରି ନିଜ ଦକ୍ଷତା ପ୍ରଦର୍ଶନ କରିଥିଲେ। ମୁଖ୍ୟଅତିଥି ଭାବେ ଅନୁଗୋଳ ଉପଜିଲ୍ଲାପାଳ ମୟାଧର ବେହେରା, ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଂ, ଓଡ଼ିଶା ଆଇଆଇଏସ୍ ଜେଏସ୍‌ଡବ୍ଲ୍ୟୁ ସନ୍ତରଣ କାର୍ଯ୍ୟକ୍ରମର ହେଡ୍ ଅଫ୍ ଅପରେସନ୍ସ ସଚ୍ଚିକାନ୍ତ କୁମାର ଏବଂ ଓଡ଼ିଶା ସ୍ୱିମିଂର ମ୍ୟାନେଜର ପ୍ରକିତ ମହାନ୍ତି ଯୋଗଦେଇଥିଲେ। ପ୍ରଶିକ୍ଷକ ଅଞ୍ଜୁ ପରିଡ଼ା, ରବି ନାରାୟଣ ବେହେରା, ଶିବ ମହାର, ଜ୍ୟୋତ୍ସ୍ନା ବେହେରା, ସୁଭଦ୍ରା ମୁଖୀ, ସହାୟକ ଫ୍ୟାସିଲିଟି ମ୍ୟାନେଜର ଓମପ୍ରକାଶ ମହାନ୍ତି ପ୍ରତିଯୋଗିତା ପରିଚାଳନା କରିଥିଲେ। ରାଜେଶ, ଲିପୁ, ସନୋଜ, ସନ୍ଦୀପ, ଚିନ୍ମୟ ଏବଂ ସୁଶାନ୍ତ ସହଯୋଗ କରିଥିଲେ।

## ଏକ୍ସପ୍ରେସ ଟ୍ରେନ ରହଣି ପାଇଁ ସାଂସଦଙ୍କୁ ଭେଟିଲେ ଅଞ୍ଚଳବାସୀ

**ବଇଣ୍ଡା,୧୩।୬(ସମିସ):** କିଶୋରନଗର ବ୍ଲକ ବଇଣ୍ଡା ରେଳ ଷ୍ଟେସନ ଏବେ ଅବହେଳିତ ହୋଇ ରହିଛି। ଏହି ଷ୍ଟେସନର ବିକାଶ ହେଉ ନ ଥିବା ବେଳେ ଅନେକ ଏକ୍ସପ୍ରେସ ଟ୍ରେନ ରହୁନାହିଁ। ଫଳରେ ଅସନ୍ତୋଷ ପ୍ରକାଶ ପାଇଛି। ଶୁକ୍ରବାର ବଇଣ୍ଡାଠାରେ ଅଞ୍ଚଳବାସୀ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣିଙ୍କୁ ଭେଟି ଏକ୍ସପ୍ରେସ୍ ଟ୍ରେନ୍ ରହଣି ପାଇଁ ଦାବି ଜଣାଇଛନ୍ତି। ଅଞ୍ଚଳବାସୀ କହିଥିଲେ ଯେ ବଇଣ୍ଡା ଦେଇ ୧୯ଟି ଏକ୍ସପ୍ରେସ ଟ୍ରେନ ଯାଉଛି। ହେଲେ ଏଥିରୁ ୧୪ ଟ୍ରେନ ରହୁନାହିଁ। ଏହି ଅଞ୍ଚଳର ଅନେକ ଲୋକ ରାଜ୍ୟ ବାହାରେ କାମ କରୁଛନ୍ତି। ବଇଣ୍ଡାରେ କରୋନା ପୂର୍ବରୁ ବହୁ ଏକ୍ସପ୍ରେସ ଟ୍ରେନ ରହୁଥିଲା। ହେଲେ ଏବେ ରହୁ ନ ଥିବାରୁ ଲୋକେ ହଇରାଣ ହେଉଛନ୍ତି। ଲୋକେ ବାହାର ରାଜ୍ୟ ଟ୍ରେନଗୁଡ଼ିକ ଧରିବା ପାଇଁ ରେଢ଼ାଖୋଲ କିମ୍ବା ଅନୁଗୋଳ ଷ୍ଟେସନ ଉପରେ ନିର୍ଭର କରୁଛନ୍ତି। ବଇଣ୍ଡା ଆଠମଲ୍ଲିକ ଉପଖଣ୍ଡର ପ୍ରମୁଖ ଷ୍ଟେସନ ହୋଇଥିବା ବେଳେ ଅତ୍ୟନ୍ତ ଅବହେଳିତ ହୋଇ ରହିଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ତ ଏକ୍ସପ୍ରେସ ଟ୍ରେନ ରହଣି ବ୍ୟବସ୍ଥା କରିବାକୁ ବିଜେପି ନେତା ଅରବିନ୍ଦ ସାହୁ, ରାଜେନ୍ଦ୍ର ସାହୁ, ସ୍ୱୟମ୍ବର ପ୍ରଧାନ, ଅରକ୍ଷିତ ସାହୁ, ଅମୀୟ ମିଶ୍ର, ପରୀକ୍ଷିତ ସାହୁ, ସୁଦାମ ପ୍ରଧାନ, ଟୁନା ସାହୁ, ରାଜା ପ୍ରଧାନ, ପ୍ରଦୀପ ସାହୁ, ଲୁଲୁ ସାହୁ, ଚକ୍ରଧର ବେହେରା, ସଚ୍ଚିଦାନନ୍ଦ ପ୍ରଧାନ ଦାବି କରିଥିଲେ। ଏ ନେଇ ପାର୍ଲାମେଣ୍ଟରେ ଦାବି ଜଣାଇବେ ବୋଲି ସାଂସଦ ପ୍ରତିଶ୍ରୁତି ଦେଇଛନ୍ତି।



## ସନ୍ଦେହଜନକ ଅବସ୍ଥାରେ ଯୁବକଙ୍କ ମୃତଦେହ ଉଦ୍ଧାର

**ଛେଣ୍ଡିପଦା,୧୩।୬(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ବାଲିପଟା ପଞ୍ଚାୟତ କୋଡ଼ାମୁଣ୍ଡା ଗାଁ ନିକଟ ଆମ୍ବତୋଟାରୁ ଶନିବାର ସକାଳେ ସନ୍ଦେହଜନକ ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ୍ୟୁର କାରଣ ଜଣାପଡ଼ି ନ ଥିବା ବେଳେ ପୁଲିସ ତଦନ୍ତ ଆରମ୍ଭ କରିଛି। ମୃତକ ହେଲେ କୋଡ଼ାମୁଣ୍ଡା ଖଜୁରୀମୁଣ୍ଡା ସାହିର ସୁବାସ ଚନ୍ଦ୍ର ଗଡ଼ନାୟକ। ଶୁକ୍ରବାର ସେ କାମକୁ ଯାଉଛି କହି ଘରୁ ବାହାରିଥିବା ବେଳେ ଆଉ ଫେରି ନ ଥିଲେ। ଶନିବାର ସକାଳେ ଆମ୍ବତୋଟାରେ ମୃତଦେହ ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

## ବନ ବିଭାଗର ଡ୍ରୋନ୍ ସର୍ଭେକୁ ନେଇ ଉତ୍ତେଜନା

● କର୍ମଚାରୀଙ୍କୁ ଅଟକ ରଖିଲେ ଗ୍ରାମବାସୀ



**ଛେଣ୍ଡିପଦା,୧୩।୬(ସମିସ):** ଛେଣ୍ଡିପଦା ବ୍ଲକ୍ କଙ୍କୁରପାଳ ଗ୍ରାମରେ ବନ ବିଭାଗର ଡ୍ରୋନ୍ ସର୍ଭେକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ବନ ବିଭାଗ ରୁଙ୍ଗଟା ମାଇନ୍ସ ପାଇଁ ଜଙ୍ଗଲ ସର୍ଭେ କରିବା ବାହାନାରେ ସମଗ୍ର ଗ୍ରାମର ସର୍ଭେ କରୁଥିଲା। ଶନିବାର ସକାଳେ ବନ ବିଭାଗ ପକ୍ଷରୁ ଡ୍ରୋନ୍ ସର୍ଭେ କରାଯାଉଥିବା ବେଳେ ଗ୍ରାମବାସୀ ବନ କର୍ମଚାରୀଙ୍କୁ ଅଟକ ରଖିବା ସହ ଏ ସମ୍ପର୍କରେ ଛେଣ୍ଡିପଦା ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଡ୍ରୋନ୍ ମାଧ୍ୟମରେ ସଂଗୃହୀତ ସମସ୍ତ ଭିଡିଓ ଡିଲିଟ୍ କରିବା ପାଇଁ ଗ୍ରାମବାସୀ ଜିଦ୍ ଧରିଥିଲେ। ବନ ବିଭାଗ କର୍ମଚାରୀମାନେ ଭିଡିଓ ଡିଲିଟ୍ କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

## ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ



**ଅନୁଗୋଳ,୧୩।୬(ସମିସ):** ସ୍ଥାନୀୟ ବ୍ଲାକ ଡାଇମଣ୍ଡ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ ଉପଲକ୍ଷେ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ରାଜ୍ୟ ସ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଏହି ଯୋଜନା ଶୁଭାରମ୍ଭ କାର୍ଯ୍ୟକରମର ସିଧାସଳଖ ପ୍ରସାରଣ ଆଭାସୀ ମାଧ୍ୟମରେ କରାଯାଇଥିଲା। ଏହି ଅବସରରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ, ଅନୁଗୋଳ ବିଧାୟକଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ, ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ମେଳାପ କୁମାର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥି ୧୦ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା କାର୍ଡ ପ୍ରଦାନ କରିଥିଲେ। ଅତିରିକ୍ତ ଭାବେ ୧୭୦ ଜଣଙ୍କୁ କାର୍ଡ ବଣ୍ଟନ କରାଯାଇଥିଲା। ଏହି ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀଙ୍କୁ ମାସକୁ ସଦସ୍ୟ ପିଛା ଅତିରିକ୍ତ ୫ କେଜି ଚାଉଳ ମାଗଣା ମିଳିବ ଏବଂ ଏହାଦ୍ୱାରା ଜିଲ୍ଲାର ମୋଟ ୨୯୪୦୫୭ ପରିବାର ଉପକୃତ ହେବେ।

## ଟାଏକ୍ୱୋଣ୍ଡୋ ବେଲ୍ଟ ଗ୍ରେଡିଂ ଶିବିର

**ଅନୁଗୋଳ,୧୩।୬(ସମିସ):** ସ୍ଥାନୀୟ ମା' ବାସନ୍ତୀ ଦୁର୍ଗା ଖେଳପଡ଼ିଆରେ ଶନିବାର ୧୦ମ ଟାଏକ୍ୱୋଣ୍ଡୋ କଲର୍ ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଅନୁଗୋଳ ଟାଉନ୍ ଥାନା ଅଧିକାରୀ ପ୍ରକାଶଚନ୍ଦ୍ର ମାଝି ଯୋଗଦେଇ ଟାଏକ୍ୱୋଣ୍ଡୋ ଛାତ୍ରଛାତ୍ରୀଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଆଇନଜୀବୀ ତଥା ସଂଘ ଉପଦେଷ୍ଟା ପ୍ରଦୀପ କୁମାର ଦେବତା ଯୋଗଦେଇ ଛାତ୍ରଛାତ୍ରୀମାନେ ରାଜ୍ୟ ଓ ଜାତୀୟ ସ୍ତରରେ ସୁନାମ ଆଣିବାକୁ ପ୍ରେରଣା ଦେଇଥିଲେ। ଜିଲ୍ଲା କ୍ରୀଡ଼ା ସଂସଦ ସଭ୍ୟ ରୁଚିର କୁମାର ଦାସ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ୪୦ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ରାଜ୍ୟ ଓ ଜାତୀୟ ସ୍ତରରେ ପଦକ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପଦକ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଅନୁଗୋଳ ଟାଏକ୍ୱୋଣ୍ଡୋ ସଂଘ ପ୍ରତିଷ୍ଠାତା ଓ ସମ୍ପାଦକ ଦୁଷ୍ୟନ୍ତ କୁମାର ନାଥଙ୍କ ତତ୍ତ୍ୱାବଧାନରେ ଶିବିର ହୋଇଥଲା।



## ଶିଶୁ ଶ୍ରମ ନିଷେଧ ଦିବସ ପାଳିତ

**ଅନୁଗୋଳ,୧୩।୬(ସମିସ):** ଇଙ୍କରବନ୍ଦ ଗ୍ରାମରେ କେନ୍ଦ୍ର ସରକାରଙ୍କ କୌଶଳ ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳ ଅଧୀନ ଜନଶିକ୍ଷଣ ସଂସ୍ଥାନର ଅନୁଗୋଳ ନିର୍ଦ୍ଦେଶକ ସୌରୀ ରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ବିଶ୍ୱ ଶିଶୁ ଶ୍ରମ ନିଷେଧ ଦିବସରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅତିଥି ଭାବେ ଜିଲ୍ଲା ଶିଶୁ ମଙ୍ଗଳ କମିଟି ସଦସ୍ୟ କଲ୍ୟାଣ କିଶୋର ମହାନ୍ତି ଯୋଗଦେଇ ଏହି ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶିଶୁ ଶ୍ରମିକ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ସମସ୍ତଙ୍କୁ ବିଦ୍ୟାଳୟ ପଠାଇବା ଏବଂ ଶିକ୍ଷା ବିଭାଗ ଦ୍ୱାରା ସ୍କିଲ ଇଣ୍ଡିଆ ମାଧ୍ୟମରେ ବିଭିନ୍ନ ଧନ୍ଦାମୂଳକ ପାଠ୍ୟକ୍ରମରେ ସାମିଲ କରିବା ନିମନ୍ତେ ଶପଥପାଠ କରାଯାଇଥିଲା। ଜେଏସ୍‌ଏସ୍‌ର ସହ-କାର୍ଯ୍ୟକାରୀ ଅଧିକାରୀ ଚିତ୍ତରଞ୍ଜନ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗ୍ରାମର ୬୦ ମହିଳା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପ୍ରଶିକ୍ଷାର୍ଥୀ ଅନୁସୂୟା ସାହୁ ଧନ୍ୟବାଦ ଦେଇଥିଲେ।



# ପବିତ୍ର ମୋହନ ପ୍ରଧାନଙ୍କ ୩୮ତମ ତିରୋଧାନ ଦିବସ ପାଳିତ



**କଣିହାଁ,୧୩।୬(ସମିସ):** କଣିହାଁ ମୁକ୍ତିପଥର ସୈନିକ, ଗଡ଼ଜାତ ଆନ୍ଦୋଳନର ଅନ୍ୟତମ ପୁରୋଧା, ବିଶିଷ୍ଟ କବି ତଥା ଓଡ଼ିଶାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ୩୮ତମ ତିରୋଧାନ ଦିବସ ଶୁକ୍ରବାର ବିଭିନ୍ନ ସ୍ଥାନରେ ପାଳିତ ହୋଇଛି। ପିଏମଶ୍ରୀ ପବିତ୍ର ମୋହନ ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ଥିବା ପବିତ୍ର ମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ତାଳଚେର ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ସ୍ମୃତିଚାରଣ ସଭା ଆୟୋଜିତ ହୋଇଥିଲା। ଟ୍ରଷ୍ଟ ସଭାପତି ବିନାୟକ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କବି ଓ ଗାଳ୍ପିକ ସିଦ୍ଧିପ୍ରସାଦ ସାହୁ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ଜନସମ୍ପର୍କ, ନିଷ୍କଳଙ୍କ ବ୍ୟକ୍ତିତ୍ୱ ଓ ଦେଶପ୍ରେମ ବିଷୟରେ ଆଲୋକପାତ କରି ତାଙ୍କୁ ପ୍ରକୃତ ଜନନେତା ଭାବେ ଅଭିହିତ କରିଥିଲେ। ତାଙ୍କୁ "ଭାରତରତ୍ନ" ସମ୍ମାନ ପ୍ରଦାନ କରାଯିବା ଉଚିତ ବୋଲି ମତ ପ୍ରକାଶ କରିଥିଲେ। ପବିତ୍ର ମୋହନ ପ୍ରଧାନଙ୍କ ପରି ସର୍ବଜନପ୍ରିୟ ଓ ଜନମୁଖୀ ନେତା ସମାଜରେ ଅତ୍ୟନ୍ତ ଦୁର୍ଲଭ ବୋଲି ସାଂସଦଙ୍କ ପ୍ରତିନିଧି ତ୍ରିପୁରାରୀ ପ୍ରଧାନ କହିଥିଲେ। କାର୍ଯ୍ୟକ୍ରମରେ ମହେଶ୍ୱର ନାଏକ, ହରମୋହନ ସାହୁ, ଶେଖର ନାଥ, ଯଶୋବନ୍ତ ସାହୁ, ବନମାଳୀ ପ୍ରଧାନ, ଶିବପ୍ରସାଦ ରାଉତ, ସ୍ମୃତିରଞ୍ଜନ ପାଣି ପ୍ରମୁଖ ଯୋଗଦେଇଥିଲେ। ଟ୍ରଷ୍ଟ ସମ୍ପାଦକ କ୍ଷୀରସିନ୍ଧୁ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ପବିତ୍ରନଗର ହାଇସ୍କୁଲ ପଡ଼ିଆସ୍ଥିତ ପବିତ୍ର ମୋହନ ପ୍ରଧାନଙ୍କ ସ୍ମୃତିପୀଠରେ ଆଞ୍ଚଳିକ ବିପ୍ଳବୀ ପବିତ୍ରମୋହନ ଫାଉଣ୍ଡେସନ ପକ୍ଷରୁ ସ୍ମୃତିସଭା ଆୟୋଜିତ ହୋଇଥିଲା। ଏଥିରେ ସମାଜସେବୀ ରବିନାରାୟଣ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ତ୍ୟାଗ, ନେତୃତ୍ୱ ଓ ଗଡ଼ଜାତ ଆନ୍ଦୋଳନରେ ତାଙ୍କ ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଫାଉଣ୍ଡେସନ ସଭାପତି ମାନସ ରଞ୍ଜନ ପ୍ରଧାନ, ସମ୍ପାଦକ ଲମ୍ବୋଦର ପ୍ରଧାନ, ଉପସଭାପତି ମହେଶ୍ୱର ସାମଲ, ଶିକ୍ଷାବିତ୍ ପୁରୁଷୋତ୍ତମ ବେହେରା, କୋଷାଧ୍ୟକ୍ଷ ସୁବାସ ମହାନ୍ତି, ଅବନୀକାନ୍ତ ଦେହୁରୀ, ନିତ୍ୟାନନ୍ଦ ବିଶ୍ୱାଳ, ଧ୍ରୁବଚରଣ ବିଶ୍ୱାଳ, ବିରଞ୍ଚି ନାରାୟଣ ସାହୁ, ସୁକାନ୍ତ ମହାନ୍ତି, ପ୍ରସନ୍ନ ସାହୁ, ଅରୁଣ କୁମାର ସାହୁ, ଯୁଗଳ କିଶୋର ସାହୁ ଓ ପାଣ୍ଡବ ସାହୁ ପ୍ରମୁଖ ଯୋଗଦେଇ ପବିତ୍ର ମୋହନ ପ୍ରଧାନଙ୍କ ଆଦର୍ଶ, ସଂଘର୍ଷମୟ ଜୀବନ ଓ ଜନକଲ୍ୟାଣମୂଳକ କାର୍ଯ୍ୟର ସ୍ମୃତିଚାରଣ କରିଥିଲେ। ଏହାଛଡ଼ା ପୋଇପାଳ, କଣ୍ଟାପାଳ, ପବିତ୍ରନଗର, ରେଙ୍ଗାଳି, କାକୁଡ଼ିଆ, ବଡ଼ତ୍ରିବିଡା ଓ ଟାକୁଆ ଆଦି ସ୍ଥାନରେ ଥିବା ପବିତ୍ର ମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ସ୍ଥାନୀୟ ଜନସାଧାରଣ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ରଜ ମହୋତ୍ସବ ପାଇଁ ପ୍ରସ୍ତୁତି ଶେଷ





ଭୁବନ, ୧୩।୬(ସମିସ)

ଭୁବନ ରଜ ଫାଉଣ୍ଡେସନ ପକ୍ଷରୁ ମା' ହିଙ୍ଗୁଳା ପୀଠରେ ରଜ ମହୋତ୍ସବ ଆୟୋଜିତ ହେଉଛି। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏକ ସୁସଜିତ ଗାଡ଼ି ବିଭିନ୍ନ ପଞ୍ଚାୟତରେ ବୁଲି ସ୍ୱାଗତ ଜଣାଉଛି। ଏହି ଗାଡ଼ିକୁ ଶୁଭାରମ୍ଭ କରିଥିଲେ ରଜ ମହୋତ୍ସବ ଫାଉଣ୍ଡେସନର ସଭାନେତ୍ରୀ ଜୟନ୍ତୀ ପୃଷ୍ଟି, ଭୁବନ ଦଶହରା ଶାନ୍ତିକମିଟି ସଭାପତି ଦିଲୀପ କୁମାର ଦାସ, ଗଣେଶ ମେଲାଣ ଫାଉଣ୍ଡେସନ ସଭାପତି ସୁବ୍ରତ କୁମାର ସାହୁ, ପୂର୍ବତନ କାଉନସିଲର ପୁଷ୍ପଲତା ଦାସ, ସୁବାସ ମେହେଣା, ନିରଞ୍ଜନ ଗୁରୁ। ମା' ହିଙ୍ଗୁଳା ପୀଠ ପାର୍କର ଭ୍ରମ ସୃଷ୍ଟି କରୁଛି। ଏହା କୌଣସି ପାର୍କ ନୁହେଁ ବରଂ ଭୁବନର ପାରମ୍ପରିକ ରଜ ଉତ୍ସବ ପାଇଁ ଚାଲିଥିବା ସଜବାଜର ଶେଷ ପର୍ଯ୍ୟାୟ। ଆମ୍ବ ତୋଟାର ସୁଲୁସୁଲିଆ ପବନ, ପ୍ରାକୃତିକ ପରିବେଶ ଏବଂ ବନ୍ଧୁ ପରିଜନଙ୍କ ସହ ଆତ୍ମୀୟତାର ମିଳନ ରଜ ଉତ୍ସବକୁ ଆହୁରି ଆକର୍ଷଣୀୟ କରିଦେଇଛି। ରଜର ଉତ୍ସାହ ଓ ଆନନ୍ଦ ମଧ୍ୟରେ ଭୁବନର ଏହି ସ୍ୱତନ୍ତ୍ର ଆୟୋଜନ ସମସ୍ତଙ୍କୁ ଆକର୍ଷିତ କରିବ। ଦୋଳି, ପାରମ୍ପରିକ ଖେଳ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସାଙ୍ଗସାଥୀଙ୍କ ସହ ଅବିସ୍ମରଣୀୟ ମୁହୂର୍ତ୍ତ ବିତାଇବା ପାଇଁ ଭୁବନ ରଜ ଉତ୍ସବକୁ ଆସିବାକୁ ସମସ୍ତଙ୍କୁ ଆହ୍ୱାନ କରିଛନ୍ତି ଫାଉଣ୍ଡେସନ ମୁଖ୍ୟ ଲକ୍ଷ୍ମଣ କୁମାର ଦାସ।

ଏହି ଅବସରରେ ସୁନାକର ବେହେରାଙ୍କ ଆୟୋଜନ କ୍ରମେ ୨୦୦୪ ବ୍ୟାଚର ସମସ୍ତ ବନ୍ଧୁମାନଙ୍କ ପକ୍ଷରୁ ଏକ ଭେଟଘାଟ କାର୍ଯ୍ୟକ୍ରମ ହିଙ୍ଗୁଳା ପୀଠରେ ଆୟୋଜିତ ହୋଇଥିଲା। ଏଥିରେ ଭୁବନ ବିଶ୍ୱ ହିନ୍ଦୁ ପରିଷଦ ସଭାପତି ବିଜୟ ବେହେରା, ତୃପ୍ତି ପାଠାଗାର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସାହୁ ଯୋଗଦେଇଥିଲେ। ଏହି ଅବସରରେ ବନ୍ଧୁତ୍ୱ, ସମ୍ପର୍କ ଓ ସାମାଜିକ ଏକତାକୁ ଆହୁରି ସୁଦୃଢ଼ କରିବା ଉପରେ ଆଲୋଚନା ହୋଇଥିଲା। ହିଙ୍ଗୁଳା ପୀଠର ମନୋରମ ପରିବେଶ ମଧ୍ୟରେ ସମସ୍ତେ ରଜ ପ୍ରସ୍ତୁତିର ଖୁସିକୁ ଉପଭୋଗ କରିଥିଲେ।

## ବାଇକ ଦୁର୍ଘଟଣାରେ ଯୁବକ ମୃତ

ହିନ୍ଦୋଳ/ଖଜୁରିଆକଟା, ୧୩।୬(ସମିସ): ହିନ୍ଦୋଳ ଉପଖଣ୍ଡରେ ଗତକାଲି ରାତିରେ ଏକ ବାଇକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଖବରରୁ ପ୍ରକାଶ ଗତକାଲି ରାତିରେ ହିନ୍ଦୋଳ ଉପଖଣ୍ଡ ହିନ୍ଦୋଳ ଥାନା କର୍ଣ୍ଣପୁର ଅଞ୍ଚଳର ସ୍ୱର୍ଗତ ନିମେଇଁ ଭୋଇଙ୍କ ପୁଅ ସୁବଳ ଭୋଇ (୪୦) କୌଣସି କାର୍ଯ୍ୟରେ ଯାଇ ଚାଲିଚାଲି ଫେରୁଥିବା ବେଳେ ହିନ୍ଦୋଳ ଥାନା ନୂଆକୂଟ ଗ୍ରାମର ପାଣ୍ଡବ ନାଏକଙ୍କ ପୁଅ ମୁନା ନାଏକ ମହୀଧରପୁର ପଟୁ ବାଇକ୍‌ରେ ଦ୍ରୁତଗତିରେ ଫେରୁଥିଲେ। କର୍ଣ୍ଣପୁର ଗ୍ରାମ ନିକଟ ସାଇ ଆସ୍ ଫ୍ୟାକ୍ଟ୍ରି ନିକଟରେ ଅନ୍ଧାର ରାତିରେ ସୁବଳଙ୍କୁ ବାଇକ୍ ଧକ୍କାଦେବା ଫଳରେ ସେ ଗୁରୁତର ଆହତ ହୋଇ ଛଟପଟ ହେଉଥିଲେ। ଖବରପାଇ ପରିବାର ଲୋକ ସୁବଳଙ୍କୁ ହିନ୍ଦୋଳ ଉପଖଣ୍ଡ ଡାକ୍ତରଖାନା ଆଣିବାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହିନ୍ଦୋଳ ପୁଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ବାଇକ ଜବତ କରିଛି। ପରିବାରର ଅଭିଯୋଗ ଆଧାରରେ ଘଟଣାର ତଦନ୍ତ କରୁଛି। ଦୁର୍ଘଟଣା ଘଟାଇଥିବା ମୁନା ନାଏକଙ୍କୁ ପଚରାଉଚରା ଜାରି ରଖିଛି। ଏ ବବାଦରେ ଥାନାରେ ଏକ ମାମଲା ରୁଜୁ ହୋଇଛି। ସୁବଳଙ୍କ ପରିବାର ଗରିବ ହୋଇଥିବାରୁ ଉପଯୁକ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ମଙ୍ଗଳବାର କଙ୍କଡ଼ାହାଡ଼ରେ ଜନଶୁଣାଣି

ଢେଙ୍କାନାଳ, ୧୩।୬(ସମିସ): କଙ୍କଡ଼ାହାଡ଼ ବ୍ଲକ କାର୍ଯ୍ୟାଳୟରେ ଆସନ୍ତା ମଙ୍ଗଳବାର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଶିବିରରେ ଜିଲ୍ଲାପାଳ, ଏସ୍‌ପି ଓ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିବେ। ସମ୍ପୃକ୍ତ ଅଞ୍ଚଳବାସୀଙ୍କର ଯଦି କୌଣସି ଆପତ୍ତି ଅଭିଯୋଗ ଥାଏ ତେବେ ସମାଧାନ ନିମନ୍ତେ ଶିବିରରେ ପଞ୍ଜୀକରଣ କରି ଅଭିଯୋଗ କରିପାରିବେ ବୋଲି ଜଣାଇ ଦିଆଯାଇଛି। ଏହି ଜନ ଅଭିଯୋଗ ଶୁଣାଣି ଶିବିର ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି।

## ପାଣିରେ ବୁଡ଼ି ଯୁବକ ମୃତ

ଭୁବନ, ୧୩।୬(ସମିସ): ଯାଜପୁର ଓ ଢେଙ୍କାନାଳ ଜିଲ୍ଲା ସୀମାନ୍ତରେ ପ୍ରବାହିତ ପାଣ୍ଡରା ନାଳରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କୁନିନ୍ଦା ପଞ୍ଚାୟତ କେନ୍ଦୁପଡ଼ା ଗ୍ରାମର ମାୟାଧର ବେହେରାଙ୍କ ସାନପୁଅ ବିମ୍ବାଧର ବେହେରା (୩୫)। ଶନିବାର ବିମ୍ବାଧର ଗାଁର ଉତ୍ତର ଦିଗରେ ପ୍ରବାହିତ ପଣ୍ଡରା ନାଳକୁ ଗାଧୋଉବାକୁ ଯାଇଥିଲେ। ତେବେ ଅସାବଧାନତା ବଶତଃ ସେ ପଣିରେ ବୁଡ଼ି ଯାଇଥିଲେ। ପରେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ପରିବାର ପକ୍ଷରୁ ଏ ନେଇ ଥାନାରେ ଅଭିଯୋଗ କରାଯାଇଛି।

## ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

ଖମାର, ୧୩।୬(ସମିସ): ରେଙ୍ଗାଳି ଡ୍ୟାମ୍‌କୁ ମାଛ ଧରିବାକୁ ଯାଇ ନିଖୋଜ ଥିବା ଜଣେ ଯୁବକଙ୍କ ମୃତଦେହ ଶନିବାର ଉଦ୍ଧାର କରାଯାଇଛି। ମୃତକ ହେଲେ ପାଲଲହଡ଼ା ଉପଖଣ୍ଡ ଖମାର ଥାନା କୁଶବଣିଆ ଗ୍ରାମର ଅନିଲ ଜାମୁଦା। ମିଳିଥିବା ସୂଚନା ଅନୁଯାୟୀ, ଅନିଲ ସବୁ ଦିନ ଭଳି ଶୁକ୍ରବାର ସନ୍ଧ୍ୟାରେ ଜାଲ ଧରି ଏକ ଆହୁଲା କାଠଡଙ୍ଗା ସାହାଯ୍ୟରେ ଅନ୍ୟ କିଛି ସହଯୋଗୀଙ୍କ ସହ ରେଙ୍ଗାଳି ନଦୀବନ୍ଧ ବ୍ରାହ୍ମଣୀ ନଦୀକୁ ମାଛ ଧରିବାକୁ ଯାଇଥିଲେ। ତେବେ ଏହି ସମୟରେ ଜୋରରେ ପବନ ବର୍ଷା ହେବାରୁ ଭାରସାମ୍ୟ ହରାଇ ଡଙ୍ଗା ଓଲଟି ପଡ଼ିଥିଲା। ସହଯୋଗୀମାନେ କୌଣସି ମତେ କୂଳରେ ପହଞ୍ଚିଥିଲେ ମଧ୍ୟ ଅନିଲ ନିଖୋଜ ହୋଇଯାଇଥିଲେ। ପାଲଲହଡ଼ା ଦମକଳ ବାହିନୀ ଓ ସ୍ଥାନୀୟ ଲୋକେ ଖୋଜାଖୋଜି ଜାରି ରଖିଥିଲେ। ଶନିବାର ତାଙ୍କ ମୃତଦେହ ଉଦ୍ଧାର ହୋଇଛି। ଏ ନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି।

## ବ୍ରଜନାଥ ବଡ଼ଜେନା ଯୁବକ ସଙ୍ଘ ପକ୍ଷରୁ ଜଳଛତ୍ର



ଗଁଦିଆ, ୧୩।୬(ସମିସ): ଗ୍ରୀଷ୍ମ ପ୍ରବାହ ଅଧିକ ହେଉଥିବାରୁ ରାସ୍ତାରେ ଯାଉଥିବା ପଥିକଟିର ତୃଷା ନିବାରଣ କରିବା ପାଇଁ ଆଗେଇ ଆସିଛନ୍ତି ବ୍ରଜନାଥ ବଡ଼ଜେନା ଯୁବକ ସଙ୍ଘ କାବରାର ଯୁବକ ଗୋଷ୍ଠୀ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହିମା ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ସୂର୍ଯ୍ୟକାନ୍ତ ଦାସ ଓ ସମ୍ମାନିତ ଅତିଥି ଭାବେ ଯୁବ ଆଇନଜୀବୀ ଜ୍ଞାନରଞ୍ଜନ ରାଉତ ଓ ସଂଘ ସଭାପତି ମନୋଜ ସେଠି ଯୋଗ ଦେଇଥିଲେ। ମୁଖ୍ୟଅତିଥି ଜଳ ଦାନ ଏକ ମହତ ଦାନ, ଏହି କାର୍ଯ୍ୟରେ ସମସ୍ତେ ନିୟୋଜିତ ହେବା ଦରକାର ବୋଲି କହିଥିଲେ। ସମ୍ମାନିତ ଅତିଥି ନିଜ ନିଜ ଅଞ୍ଚଳରେ ଚାରା ରୋପଣ ଉପରେ ସଚେତନ କରିଥିଲେ। ଯୁବ ଗୋଷ୍ଠୀର ସିପୁଲି ଓଝା, ରେୟାନ୍‌ସ ବରାଳ, ମନୋଜ କୁମାର ମହାନ୍ତି, ବିଶ୍ୱଜିତ ମହାନ୍ତି, ତ୍ରିଲୋଚନ ନାୟକ, ଜୟଦୀପ ଭଞ୍ଜ, ରାଜା ମହାନ୍ତି, ସିଲୁ ବେହେରା ପ୍ରମୁଖ ଜଳ ଦାନ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

## ନ୍ୟାୟ ପାଇଁ ଏସ୍‌ପି ଓ ଜିଲ୍ଲାପାଳଙ୍କୁ ଅନୁରୋଧ



ଢେଙ୍କାନାଳ, ୧୩।୬(ସମିସ): ସଦର ଥାନା ଅନ୍ତର୍ଗତ ସୋଗରପଶି ଗ୍ରାମର ରୁନୁ ନାଏକ ତାଙ୍କ ସ୍ୱାମୀ ବିଜୟ ନାଏକ ସେହି ଗ୍ରାମର ବଳରାମ ନାଏକଙ୍କ ଝିଅ ଶ୍ରାବଣୀ ନାଏକଙ୍କୁ ଗତ ମେ ୨୯ରେ ବିବାହ କରିବା ନିମନ୍ତେ କେଉଁଆଡ଼େ ନେଇ ପଳାଇଥିବା ଅଭିଯୋଗ କରିଛନ୍ତି। ଫଳରେ ଶ୍ରାବଣୀଙ୍କ ବାପା ବଳରାମ ନାଏକ, ମାଆ ସୁଷମା ନାଏକ ଓ ପୁଅଝିଅ ଏବଂ ବଡ଼ଭଉଣୀ କୌଶଲ୍ୟା ନାଏକ ମିଶି ରୁନୁ ନାଏକଙ୍କ ଘରଦ୍ୱାର ଭାଙ୍ଗି ଜୀବନରେ ମାରିଦେବାକୁ ଘର ଭିତରେ ପଶିଥିଲେ। ରୁନୁ ୧୧୨କୁ ଫୋନ୍ କରି ଡାକିବାରୁ ବାଡ଼ଭାଙ୍ଗି ଦୌଡ଼ି ପଳାଇଯାଇଥିଲେ।

ଏହି ଘଟଣାର ଏକ ଲିଖିତ ଅଭିଯୋଗ ଗତ ୩୦ ତାରିଖ ସଦର ଥାନାରେ ଦେଇଥିଲେ। ସଦର ଥାନା ନ ବୁଝିବାରୁ ଢେଙ୍କାନାଳ ଏସ୍‌ପିଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରିଥିଲେ। ପରେ ଗତ ୧ ତାରିଖ ଜନଶୁଣାଣିରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ଆଜି ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନାହିଁ। ରୁନୁ ଜଣେ ନିରୀହ ମହିଳା ଓ ତାଙ୍କର ପିତାମାତା ଓ ଭାଇଭଉଣୀ କେହି ନହାନ୍ତି। ସ୍ୱାମୀ ନ ଥିବାରୁ ଘରେ ଛୋଟ ପିଲାକୁ ଧରି ଭୟ ବାତାବରଣରେ ରହୁଛନ୍ତି। ନ୍ୟାୟ ପାଇବା ପାଇଁ ଜିଲ୍ଲା ଅଧିକାରୀମାନଙ୍କୁ ଅନୁରୋଧ କରିଛନ୍ତି।

## ● ବାରମ୍ବାର ଦୁର୍ଘଟଣାରେ ଯାଉଛି ଗୋମାତାଙ୍କ ଜୀବନ

## ମାରୁତି ସେନା ପକ୍ଷରୁ ଉଦବେଗ

ଭୁବନ, ୧୩।୬(ସମିସ): ଭୁବନ ବ୍ଲକ ଦେଇ ଯାଇଥିବା ୫୩ନଂ ଜାତୀୟ ରାଜପଥରେ ବାରମ୍ବାର ଦୁର୍ଘଟଣା ଘଟି ପ୍ରତ୍ୟେକ ଦିନ ଗୋରୁଗାଈମାନଙ୍କ ଜୀବନ ଯାଉଛି। ଏ ନେଇ ମାରୁତି ସେନା ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି।

ବିଶେଷ କରି କାମାକ୍ଷାନଗର ଉପଖଣ୍ଡରେ ଦିନକୁ ଦିନ ଦୁର୍ଘଟଣା ବୃଦ୍ଧି ପାଉଛି। ବେପରୁଆ ଗାଡ଼ି ଚାଳନା ବଢ଼ିବାରେ ଲାଗିଛି। ଯାହା ଫଳରେ ଅନେକ ଯାନବାହାନ ଚକ ତଳେ ଗୋମାତା ମୃତାହତ ହେଉଛନ୍ତି। ଶନିବାର ଦ୍ରୁତଗାମୀ ଗାଡ଼ି ଧକ୍କାରେ ଗୋମାତା ମୃତ୍ୟୁ ଖବର ସ୍ଥାନୀୟ ସଦସ୍ୟମାନଙ୍କଠାରୁ ପାଇଲା ପରେ ମାରୁତି ସେନା ଜିଲ୍ଲା ସଭାପତି ବିକାଶ ଚନ୍ଦ୍ର ବେହେରା ତୁରନ୍ତ ସଦସ୍ୟମାନଙ୍କ ସହାୟତାରେ ଜେସିବି ଦ୍ୱାରା ଗାତ ଖୋଳି ଗୋମାତାଙ୍କ ଅନ୍ତିମ ସଂସ୍କାର କରିଥିଲେ। ମାରୁତି ସେନା ପକ୍ଷରୁ ନିଶାସକ୍ତ ଓ ଦ୍ରୁତଗତିରେ ଗାଡ଼ି ଚାଳନାକୁ କଠୋର ନିନ୍ଦା କରାଯିବା ସହ ସ୍ଥାନୀୟ ପୁଲିସ ପ୍ରଶାସନ ପକ୍ଷରୁ ବିଶେଷ ଦୃଷ୍ଟି ଦେବାକୁ ଅନୁରୋଧ କରାଯାଇଛି। ସଙ୍ଗଠନ ଜିଲ୍ଲା ସଭାପତି ବିକାଶ ଚନ୍ଦ୍ର ବେହେରା, ପ୍ରତୀକ୍ ଜେନା, ରାଜୀବ ଲୋଚନ ସେଠୀ, ଦୀପକ୍ ଜେନା, ସତ୍ୟଜିତ ପୁହାଣ ପ୍ରମୁଖ ସାମିଲ ଥିଲେ।

## କ୍ରୀଡ଼ା ଶିକ୍ଷକଙ୍କ ଘରୁ ଚୋରି

ଗଁଦିଆ, ୧୩।୬(ସମିସ): ଗନ୍ଦିଆ ଥାନା ଯୋରନ୍ଦା ଫାଣ୍ଡି ଅନ୍ତର୍ଗତ କରମୂଳ ଗ୍ରାମର କ୍ରୀଡ଼ା ଶିକ୍ଷକ ନରେଶଚନ୍ଦ୍ର ସାହୁଙ୍କ ଘରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହେଉଛି। କ୍ରୀଡ଼ା ଶିକ୍ଷକ ତାଙ୍କ ଶଶୁର ଘରକୁ ଏକ ଶୁଦ୍ଧିକ୍ରିୟା ପାଇଁ ଭୁବନ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘର ସାମ୍ନା କବାଟ ତାଲା ଭାଙ୍ଗି ଘରେ ପଶି ଆଲମିରା ଭାଙ୍ଗି ସେଥିରେ ଥିବା ସୁନାରୁପା ଅଳଙ୍କାର ଚୋରି କରିବା ସହିତ ଶୋଇବା ଘରେ ଥିବା ବକ୍ସ ଖଟ ଉପରେ ପଡ଼ିଥିବା ପ୍ଲାଇ ଉଠେଇ ଖଟର ସମସ୍ତ ସାମଗ୍ରୀ ଏଣେତେଣେ ଫୋପାଡ଼ି ଦେଇ ଫେରାର ହୋଇଥିଲେ। ଏନେଇ ନରେଶ କୁହନ୍ତି ମୋ ସ୍ତ୍ରୀର ସବୁ ଗହଣା ଓ ମୋ ଝିଅ ବିବାହ ପାଇଁ କିଣିଥିବା ସମସ୍ତ ଅଳଙ୍କାର ଚୋର ନେଇଯାଇଛନ୍ତି। ଆନୁମାନିକ ପାଞ୍ଚଭରି ସୁନା ଓ ଦଶଭରି ରୁପା ଚୋରି ହୋଇଛି। ଶନିବାର ଭୋର ସମୟରେ ନରେଶଙ୍କୁ ତାଙ୍କ ପଡ଼ୋଶୀ ଏ ବିଷୟରେ ଜଣାଇଥିଲେ। ପରେ ସେ ଭୁବନରୁ ଆସି ଦେଖନ୍ତି ଘରର ମୁଖ୍ୟ ଦ୍ୱାରା ତାଲା ଭାଙ୍ଗିଛି ଏବଂ ଭିତରେ ତିନିଟି ଘରର ତାଲା ଭାଙ୍ଗି ସବୁ ଘରେ ପଶି ଘରେ ଥିବା ଲୁଗାପଟା ଅନ୍ୟାନ୍ୟ ଜିନିଷ ଫୋପଡ଼ା ଫୋଫାଡ଼ି ହୋଇ ପଡ଼ିଛି। ଉକ୍ତ ଚୋରି ଘଟଣା ସମ୍ପର୍କରେ ତୁରନ୍ତ ଯୋରନ୍ଦା ଫାଣ୍ଡିରେ ଲିଖିତ ଅଭିଯୋଗ ପରେ ଫାଣ୍ଡି ଅଧିକାରୀ ମାଗୁଣି ଗଡ଼ନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ସେହିପରି ଗଁଦିଆ ଥାନ ଅଧିକାରୀ ପ୍ରତାପ ଚନ୍ଦ୍ର ଦଳେଇ ପହଞ୍ଚି ତଦନ୍ତ କରିବା ସହିତ ସେପରି କୌଣସି ଠୋସ ସୁରାକ ମିଳି ନ ଥିବାରୁ ଏହି ଚୋରି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ସହିତ ସନ୍ଧାନୀ କୁକୁର ସହାୟରେ ଯାଞ୍ଚ କରିଥିଲେ। କିଛି ନ ମିଳିବାରୁ ଆସନ୍ତା କାଲି ସାଇଣ୍ଟିଫିକ ଦଳ ଆସିଲେ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିବା ସହ ଏହି ଚୋରି ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କୁ ଧରିବା ନିମନ୍ତେ ପୁଲିସ ପକ୍ଷରୁ ତଦନ୍ତକୁ ଜୋରଦାର କରାଯିବ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି। ସେହିପରି ଦୁଇଦିନ ତଳେ ଉକ୍ତ ଫାଣ୍ଡି ଅନ୍ତର୍ଗତ ମକୁନ୍ଦପୁର ଗ୍ରାମରେ ମଧ୍ୟ ଏକ ବୁଲେଟ ଗାଡ଼ି ନେଇଯିବା ସମୟରେ ଘରଲୋକ ଉଠିଯିବାରୁ ଗାଡ଼ି ଛାଡ଼ି ଚୋର ପଳେଇଥିଲେ। ବର୍ତ୍ତମାନ କରମୂଳ ପଞ୍ଚାୟତରେ ଚୋରିର ବଢ଼ିଥିବାରୁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହେଉଛି।



## ଅଗ୍ନି ବିପନ୍ନଙ୍କୁ ସହାୟତା



ଭୁବନ, ୧୩।୬(ସମିସ): ଭୁବନ ବ୍ଲକ ଦୟଣାବିଲ ପଞ୍ଚାୟତ କନ୍ହେଇପାଳ ଗ୍ରାମରେ ଘଟିଥିବା ଅଗ୍ନିକାଣ୍ଡରେ ସର୍ବସ୍ୱ ହରାଇଥିବା ପରିବାରଙ୍କୁ ସହଯୋଗର ହାତ ବଢ଼ାଇଛି ଭୁବନେଶ୍ୱରର କଳିଙ୍ଗ ନାଟରାଜ ସେବା ଟ୍ରଷ୍ଟ। ଘରପୋଡ଼ି ଘଟଣାରେ କ୍ଷତିଗ୍ରସ୍ତ ପରିବାରଙ୍କୁ ଆବଶ୍ୟକ ରାସନ, ପଲିଥିନ, ପରିବାରର ସମସ୍ତ ସଦସ୍ୟଙ୍କ ନିମନ୍ତେ ଲୁଗା, ସାର୍ଟ ପ୍ୟାଣ୍ଟଠାରୁ ଆରମ୍ଭ କରି ରଜ ପାଇଁ ସମସ୍ତ ସରଞ୍ଜାମ ଯୋଗାଇ ଦେଇଛନ୍ତି। ଭୁବନର ତୃପ୍ତି ପାଠାଗାର ଜରିଆରେ ସୂଚନା ପାଇବା ପରେ ଭୁବନେଶ୍ୱରରୁ ସହଯୋଗର ହାତ ବଢ଼ାଇଛନ୍ତି। ସୂଚନାଯୋଗ୍ୟ ଘର ପୋଡିବା ସହ ପାଳଗଦା ତେଜରାତି ଦୋକାନ, ଫାଷ୍ଟଫୁଡ ଦୋକାନ ପୋଡି ନଷ୍ଟ ହୋଇଯାଇଛି। ଟ୍ରଷ୍ଟର ସଭାନେତ୍ରୀ ସବିତାରାଣୀ ପୃଷ୍ଟି, ସମ୍ପାଦିକା ରଞ୍ଜୁକ୍ତା ସେଠୀ, କୁନିଲତା ଦେଇ, ବିନତୀ ଘଡ଼େଇ ପ୍ରମୁଖ ସଦସ୍ୟା ସହଯୋଗ କରିଥିଲେ। ଦୁଇ ଦିନ ପୁର୍ବରୁ ବିଧାୟକ ଶତ୍ରୁଘ୍ନ ଜେନା ସେଠାରେ ପହଞ୍ଚି ଥିଲେ। ସେମାନଙ୍କୁ କିପରି ଅନ୍ତୋଦୟ ଯୋଜନାରେ ଆବାସ ଘର କରାଯାଇପାରିବ ସେ ନେଇ ଆଲୋଚନା କରିଥିଲେ। ଏହି ଅବସରରେ ପୀଡ଼ିତଙ୍କୁ ସାନ୍ତ୍ୱନା ଦେବା ସହ ଆଗାମୀ ଦିନରେ ମଧ୍ୟ ସମ୍ଭବପର ସହଯୋଗ ଜାରି ରଖିବାକୁ ପ୍ରତିଶ୍ରୁତି ଦେଇଥିଲେ। ଅଗ୍ନିକାଣ୍ଡରେ ଘର ଓ ଘରୋଇ ସାମଗ୍ରୀ ପୋଡ଼ି ଯାଇଥିବାରୁ ପରିବାରଟି ଦୁର୍ଦ୍ଦଶା ମଧ୍ୟରେ ଜୀବନ ବିତାଉଥିବା ବେଳେ ଏହି ସହାୟତା ସେମାନଙ୍କୁ କିଛିଟା ଆଶ୍ୱସ୍ତ ପ୍ରଦାନ କରିଛି। ତେବେ ଉକ୍ତ ପରିବାରକୁ ପ୍ରଶାସନ ତରଫରୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସଦସ୍ୟ ସମୀର କୁମାର ସାହୁ ନିବେଦନ କରିଛନ୍ତି।

## ବିପିସିଏଲ୍ ପକ୍ଷରୁ ରକ୍ତଦାନ ଶିବିର




ଢେଙ୍କାନାଳ, ୧୩।୬(ସମିସ): ସ୍ଥାନୀୟ ସଦାଶିବପୁରସ୍ଥିତ ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ୍ (ବିପିସିଏଲ୍) ପକ୍ଷରୁ ଭାରତ ମାତା ସେବା ଅନୁଷ୍ଠାନ ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ କର୍ମଚାରୀ, ଶ୍ରମିକମାନେ ଉତ୍ସାହର ସହ ଅଂଶଗ୍ରହଣ କରି ରକ୍ତଦାନ କରିଥିଲେ। ପ୍ରଭାଜିତ ସିଂହ ବାଜୱାଙ୍କ ନେତୃତ୍ୱରେ ଶିବିର ପରିଚାଳିତ ହୋଇଥିଲା।

## ଭାରତ ବିକାଶ ପରିଷଦର କର୍ମଶାଳା

## ସମ୍ପର୍କ, ସହଯୋଗ, ସଂସ୍କାର, ସେବା, ସମର୍ପଣ ରାଷ୍ଟ୍ର ଗଠନର ମୂଳମନ୍ତ୍ର

ଢେଙ୍କାନାଳ, ୧୩।୬(ସମିସ)



ଭାରତ ବିକାଶ ପରିଷଦ ସହିଦ ବାଜିରାଉତ ଶାଖାର କର୍ମଶାଳା ଅନୁଷ୍ଠିତ ହୋଇଛି। ଶାଖା ସଭାପତି ଇଂ. ବାବୁଚାନ୍ଦ ମହାଳିକଙ୍କ ସଭାପତିତ୍ୱ ଓ ଶାଖା ସମ୍ପାଦିକା ଉଷାରାଣୀ ଦାସଙ୍କ ବଳିଷ୍ଠ ସଂଯୋଜନାରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ପୁରୀର ସୁପ୍ରୀତି ରଥ, କ୍ଷେତ୍ରୀୟ ସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ଶାଖା ପ୍ରଭାରୀ ରାମଚନ୍ଦ୍ର ଦଳାଇ ଓ କୋଷାଧ୍ୟକ୍ଷ ସଚ୍ଚିଦାନନ୍ଦ ନାୟକ ଯୋଗଦେଇଥିଲେ। ସମ୍ପର୍କ, ସହଯୋଗ, ସଂସ୍କାର, ସେବା, ସମର୍ପଣ ହିଁ ରାଷ୍ଟ୍ର ଗଠନର ମୂଳମନ୍ତ୍ର। ରାଷ୍ଟ୍ର ଦେବୋ ଭବ ଭାବଧାରା ରାଷ୍ଟ୍ର ଭକ୍ତି ଭାବନା ଜାଗରଣ ତଥା ନୈତିକ ମୂଲ୍ୟବୋଧ ବିକାଶର ମୂଳାଧାର ବୋଲି ଅତିଥିମାନେ କହିଥିଲେ। ଭାରତ ବିକାଶ ପରିଷଦର ଲକ୍ଷ୍ୟ, ଉଦ୍ଦେଶ୍ୟ, ଆଭିମୁଖ୍ୟ ସହିତ ଏହାର ସଭ୍ୟାସଭ୍ୟମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରି ଆମେ ସମ୍ପର୍କ, ସହଯୋଗ, ସଂସ୍କାର, ସେବା ଓ ସମର୍ପଣର ମୂର୍ତ୍ତିମନ୍ତ ପ୍ରତୀକ ସାଜି ସମ୍ମିଳିତ ଭାବରେ କାର୍ଯ୍ୟ କରି ସମଗ୍ର ବିଶ୍ୱରେ ପରିବର୍ତ୍ତନର ସୂତ୍ରଧର ସାଜିବାରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବା ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ସଙ୍ଗଠନର ଲକ୍ଷ୍ୟ, ଉଦ୍ଦେଶ୍ୟ, ଆଭିମୁଖ୍ୟ, ଆଦର୍ଶ, ପାରିବାରିକ ସଂଗଠନ, ସକ୍ରିୟ ସଭ୍ୟାସଭ୍ୟ ଚୟନ, କାର୍ଯ୍ୟକାରିଣୀ ସମିତି, ସାଧାରଣ ପରିଷଦ, ବିଭିନ୍ନ ଗତିବିଧି ପ୍ରମୁଖ, ଟୋଲି ଗଠନ ଓ କାର୍ଯ୍ୟକାରିତା, ଶୁଳ୍କ, ମୋବାଇଲ୍ ଆପ୍‌ରେ ନାମ ପଞ୍ଜୀକରଣ, ପ୍ରୋଟୋକଲ, କାର୍ଯ୍ୟକ୍ରମର ସ୍ୱରୂପ, ସଭାକାର୍ଯ୍ୟ, ସମ୍ପର୍କ, ସଂସ୍କାର, ସେବା, ସମର୍ପଣ ଓ ସହଯୋଗ, ପରିବେଶ, ପର୍ଯ୍ୟାବରଣ ସୁରକ୍ଷା, ଜଳବାୟୁ, ମୃତ୍ତିକା, ଶବ୍ଦ ପ୍ରଦୂଷଣର ନିରାକରଣ, ଜଳ ସଂରକ୍ଷଣ, ମହିଳା ସହଭାଗିତା, ଅର୍ଥ ପରିଚାଳନା, ସଭ୍ୟାସଭ୍ୟ ସଂଗ୍ରହ, ମୁକ୍ତ ଚିନ୍ତନ, ମାର୍ଗଦର୍ଶନ, ଭାବନାତ୍ମକ ଜାତୀୟତା ଭାବର ବିକାଶ, ଆଞ୍ଚଳିକ, ଜାତୀୟ ଭାବନା ଓ ବିଶ୍ୱ ଚେତନା, ସେମିନାର, ବିଷୟ ଚୟନ, ବିଷୟ ଶୋଧନ, ବାଳସଂସ୍କାର, ଅନ୍ତଃକରଣର ଶୁଦ୍ଧି, ଯୁବଶକ୍ତିର ନିର୍ମାଣ, ନିଷ୍କାମ କର୍ମ, ରକ୍ତଦାନ, ଚାରାରୋପଣ, ସମୂହ ବ୍ରତୋପନୟନ ଓ ବିବାହ ଆଦି ପ୍ରମୁଖ ବିଷୟବସ୍ତୁ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ନିର୍ବାଚିତ ସମସ୍ତ ସଦସ୍ୟା, ସଦସ୍ୟ ବୃନ୍ଦ, ବିଭିନ୍ନ ଗତିବିଧିର ପ୍ରମୁଖ ବୃନ୍ଦ ଶାଖାର ଅଭିବୃଦ୍ଧି ତଥା ସଙ୍ଗଠନର ବିକାଶ ନିମନ୍ତେ ସମସ୍ତ ସଦସ୍ୟା ଓ ସଦସ୍ୟମାନଙ୍କ ସାହାଯ୍ୟ, ସାହଚର୍ଯ୍ୟ କାମନା କରି ସେମାନଙ୍କ ଉପରେ ପୁନଃ ଆସ୍ଥା ପ୍ରକଟ କରିଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ। ଭାରତ ବିକାଶ ପରିଷଦ ସହିଦ ବାଜିରାଉତ ଶାଖାର ସମସ୍ତ ସଦସ୍ୟା, ସଦସ୍ୟଙ୍କ ସମ୍ମିଳିତ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା। ଶାଖା ସଭାପତି ଇଂ ବାବୁଚାନ୍ଦ ମହାଳିକ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦିକା ଉଷାରାଣୀ ଦାସ ସଭା ସଂଯୋଜନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

## 'ପୁରୀ କୁବେର ଧର୍ମଶାଳା ପୁନରୁଦ୍ଧାର ମୁଖ୍ୟ ଲକ୍ଷ୍ୟ'

ଭୁବନ, ୧୩।୬(ସମିସ): ପୁରୀର ଐତିହାସିକ କୁବେର ଧର୍ମଶାଳାର ପୁନରୁଦ୍ଧାର ଏବଂ ଏହାର ପୂର୍ବ ଗୌରବ ଫେରାଇ ଆଣିବା ହିଁ ସଂଗଠନର ମୁଖ୍ୟ ଲକ୍ଷ୍ୟ ବୋଲି ନିଖିଳ ଉତ୍କଳ ତୈଳିକ ବୈଶ୍ୟ ସମାଜ କାର୍ଯ୍ୟକାରୀ ସଭାପତି ବିପ୍ରବର ସାହୁ ଜିରାଳ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ତେରଥାନ ତୈଳିକ ବୈଶ୍ୟ ସମାଜର ବାର୍ଷିକ ସମାବେଶରେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି। ଶ୍ରୀକ୍ଷେତ୍ରକୁ ଆସୁଥିବା ଭକ୍ତ ଓ ଯାତ୍ରୀମାନଙ୍କ ସେବାରେ କୁବେର ଧର୍ମଶାଳା ଦୀର୍ଘବର୍ଷ ଧରି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଆସୁଛି। ଏହାର ସୁରକ୍ଷା, ସଂରକ୍ଷଣ ଓ ଆବଶ୍ୟକ ଉନ୍ନତୀକରଣ ମାଧ୍ୟମରେ ଧର୍ମଶାଳାକୁ ପୁନର୍ବାର ଜନସେବାର କେନ୍ଦ୍ରବିନ୍ଦୁରେ ପରିଣତ କରାଯିବା ପାଇଁ ସେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ। ଏହି ଉଦ୍ଦେଶ୍ୟ ନେଇ ସଂଗଠନ ପକ୍ଷରୁ ବିଭିନ୍ନ ସଚେତନତା ଓ ଜନସମ୍ପର୍କ କାର୍ଯ୍ୟକ୍ରମ ଜାରି ରହିବ ବୋଲି ସେ ସୂଚନା ଦେଇଥିଲେ। ତେର ଥାନର ତୈଳିକ ବୈଶ୍ୟ ସମାଜର ସଭାପତି ନଟବର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜିରାଳ କମିଟିର କେଶବ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କୋଦଣ୍ଡଧର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ଜଗବନ୍ଧୁ ପୃଷ୍ଟି ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାରେ କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ପୃଷ୍ଟି, ଯୁବ ସଭାପତି ରମେଶ ଚନ୍ଦ୍ର ସାହୁ ଏବଂ ଭୁବନ ସଭାପତି ବିଦ୍ୟାଧର ସାହୁ ମଞ୍ଚାସୀନ ଥିଲେ। କୋଷାଧ୍ୟକ୍ଷ ଅଚ୍ୟୁତାନନ୍ଦ ସାହୁ ଆୟ ବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ଶେଷରେ ସଂଗଠନ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



